# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ସପ୍ତମ — ବିଷୟ : ଗଣିତ

ସମୟ : ୨ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୧୦୦

1. ଠିକ୍ ଉତ୍ତରଟି ବାଛି ଲେଖ । $1 \times 3 = 3$

(a) ପୂର୍ଣ୍ଣସଂଖ୍ୟାରେ ଯୋଗାତ୍ମକ ଅଭେଦ କିଏ ?

(1, 0, -10, 10)

(b) '78' ର ଋଣାଙ୍କ ରୂପ କେଉଁଟି ?

$\left(1\overline{2}\overline{3},\ 1\overline{3}\overline{2},\ 1\overline{2}\overline{2},\ 1\overline{1}\overline{2}\right)$

(c) ଦୁଇଟି ରେଖା ପରସ୍ପରକୁ ଛେଦ କଲେ ଯେଉଁ 4ଟି କୋଣ ଉତ୍ପନ୍ନ ହୁଏ, ସେମାନଙ୍କ ମଧ୍ୟରୁ ଯେଉଁ ଦୁଇଟି କୋଣ ସନ୍ନିହିତ ନୁହନ୍ତି ସେମାନେ କି ପ୍ରକାର କୋଣ ?

(ଅନୁପୂରକ, ପ୍ରତୀପ, ପରିପୂରକ, ସନ୍ନିହିତ)

2. ଠିକ୍ ଉକ୍ତି ପାଖରେ ଠିକ୍ (✓) ଓ ଭୁଲ୍ ଉକ୍ତି ପାଖରେ ଭୁଲ୍ ଚିହ୍ନ (×) ଦିଅ । $1 \times 3 = 3$

(a) $\frac{-17}{4}$ ର ପୂର୍ବବର୍ତ୍ତୀ ପୂର୍ଣ୍ଣସଂଖ୍ୟାଟି -1 । ( )

(b) ବୃତ୍ତର ପରିଧି ଓ ବ୍ୟାସର ଅନୁପାତକୁ $\pi$ କହନ୍ତି । ( )

(c) $-x^2y^3$ ର ସଂଖ୍ୟାତ୍ମକ ସହଗ ହେଉଛି -1 । ( )

3. ଅଲଗା ସଂଖ୍ୟାଟିକୁ ବାଛି ଲେଖ । $1 \times 4 = 4$

(a) $\frac{-3}{10}, \frac{-11}{-7}, \frac{8}{-9}, -5\frac{3}{4}$

(ଋଣାତ୍ମକ ପରିମେୟ ସଂଖ୍ୟା ଦୃଷ୍ଟିରୁ)

(b) $24 \times 25,\ 204 \times 209,\ 394 \times 397,\ 364 \times 999$

(ଉପାଧାର ଗୁଣନ ଦୃଷ୍ଟିରୁ)



https://ssvmkalamachhuin.in/

(c) $90^0$ ଓ $90^0$, $100^0$ ଓ $80^0$, $45^0$ ଓ $45^0$, $70^0$ ଓ $110^0$
(ପରିପୂରକ କୋଣ ଯୋଡ଼ି ଦୃଷ୍ଟିରୁ)

(d) $4^3$, $27^2$, $5^6$, $8^3$ (ସମାନ ଘାତାଙ୍କ ଦୃଷ୍ଟିରୁ)

4. ସ୍ତମ୍ଭ ମିଳନ କର । $1 \times 4 = 4$

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| 1 | $\pi$ ର ଆସନ୍ନ ମାନ |
| $a+b=b+a$ | ଗୁଣନାତ୍ମକ ଅଭେଦ |
| $\frac{22}{7}$ | ବଣ୍ଟନ ନିୟମ |
| $a\times(b+c)=a\times b+a\times c$ | କ୍ରମବିନିମୟୀ ନିୟମ |

5. ଶୂନ୍ୟସ୍ଥାନ ପୂରଣ କର । $1 \times 4 = 4$

(a) 23.8 ସେ.ମି. = __________ ମିଟର ।

(b) $60^0\ 30'\ 40''$ ର ଅନୁପୂରକ କୋଣ ହେଉଛି __________ ।

(c) $0.0256\times1000=$ __________

(d) $-2\frac{1}{7}$ ର ଗୁଣନାତ୍ମକ ବିଲୋମୀ ହେଉଛି __________ ।

6. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ । $2 \times 4 = 8$

(a) $-100-(-56)$ ର ପୂର୍ବବର୍ତ୍ତୀ ସଂଖ୍ୟା କିଏ ?

(b) $\frac{-11}{25}$ ର ପୂର୍ବବର୍ତ୍ତୀ ସଂଖ୍ୟା କିଏ ?

(c) $3.62\times10^3$ ର ପରବର୍ତ୍ତୀ ସଂଖ୍ୟା କିଏ ?

(d) $-96\div(-6)$ ର ପରବର୍ତ୍ତୀ ସଂଖ୍ୟାଟି କିଏ ?

7. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ଥିଲେ ସଂଶୋଧନ କର । $2 \times 4 = 8$

(a) ଗୋଟିଏ କୋଣ ତା'ର ଅନୁପୂରକ କୋଣର 5 ଗୁଣ ହେଲେ କୋଣଟିର ପରିମାଣ $\underline{144^0}$ ।

(b) ତ୍ରିଭୁଜର ଗୋଟିଏ ବାହୁର ମଧ୍ୟବିନ୍ଦୁ ଓ ଉକ୍ତ ବାହୁର ସମ୍ମୁଖୀନ ଶୀର୍ଷବିନ୍ଦୁର ସଂଯୋଜକ ରେଖାଖଣ୍ଡକୁ ତ୍ରିଭୁଜର ଲମ୍ବ କହନ୍ତି ।

(c) 7200000ର ପ୍ରାମାଣିକ ରୂପ ହେଲା $\underline{7.2\times10^6}$ ।



https://ssvmkalamachhuin.in/

(d) $\frac{5}{12}$ ର ଦଶମିକ ରୂପ ସସୀମ ଦଶମିକ ସଂଖ୍ୟା ।

8. ସଂକ୍ଷେପରେ ଉତ୍ତର ଦିଅ । $2 \times 4 = 8$

(a) $424 \times 407$ ଉପାଧାର ବିଧିରେ ଗୁଣନ କର ।

(b) $101 \times 103 \times 98$ ଆଧାର ପ୍ରଣାଳୀରେ ଗୁଣନ କର ।

(c) $243 \times 435$ କୁ ଊର୍ଦ୍ଧ୍ୱତିର୍ଯ୍ୟକ୍ ପ୍ରଣାଳୀରେ ଗୁଣନ କର ।

(d) $\frac{3}{7}$ କୁ ବୈଦିକ ପ୍ରଣାଳୀରେ ଅସୀମ ପୌନଃପୁନିକ ଦଶମିକ ସଂଖ୍ୟାରେ ପରିଣତ କର ।

9. ଗୋଟିଏ ପଦରେ ପ୍ରକାଶ କର । $2 \times 4 = 8$

(a) $a+o=o+a=a$ ଏହା ଯୋଗକ୍ରିୟାର କେଉଁ ନିୟମ ?

(b) ଗୋଟିଏ ବୀଜଗାଣିତିକ ପଦକୁ 2ଟି ଉତ୍ପାଦକରେ ବିଶ୍ଳେଷଣ କଲେ ଗୋଟିଏ ଉତ୍ପାଦକକୁ ଅନ୍ୟଟିର କ'ଣ କହନ୍ତି ?

(c) ବର୍ଗଚିତ୍ରର ପରିସୀମା ଜାଣିବା ପାଇଁ ସୂତ୍ରଟି ହେଲା –

(d) $\pi = \frac{62832}{20000}$ ଏହା ଯେଉଁ ଭାରତୀୟ ଗଣିତଜ୍ଞଙ୍କ ଦ୍ୱାରା ଆବିଷ୍କୃତ –

10. ଯେକୌଣସି ୪ଟି ପ୍ରଶ୍ନର ସମାଧାନ କର । $5 \times 4 = 20$

(a) ବର୍ଣ୍ଟନ ନିୟମ ପ୍ରୟୋଗ କରି ଗୁଣନ କର ।

$49 \times (-625) + (-49) \times 375$

(b) a, b ଓ c ପାଇଁ ନିମ୍ନ ମାନ ନେଇ ସତ୍ୟତା ପରୀକ୍ଷା କର ।

$a = -10,\ b = 2,\ c = -2$ ହେଲେ

$a \div (b+c) \neq (a \div b) + (a \div c)$

(c) ଗୋଟିଏ ଶ୍ରେଣୀର ମୋଟ ଛାତ୍ରଛାତ୍ରୀ ହେଉଛନ୍ତି 56 । ସେମାନଙ୍କ ମଧ୍ୟରୁ $\frac{2}{7}$ ଅଂଶ ଛାତ୍ରୀ ଓ ଅବଶିଷ୍ଟ ଛାତ୍ର । ଛାତ୍ର ସଂଖ୍ୟାର $\frac{1}{5}$ ଅଂଶ ସ୍କୁଲକୁ ସାଇକେଲ ଯୋଗେ ଆସନ୍ତି । ତେବେ କେତେ ଜଣ ଛାତ୍ର ସାଇକେଲରେ ସ୍କୁଲକୁ ଆସନ୍ତି ?

(d) ଘାତାଙ୍କୀୟ ନିୟମ ପ୍ରୟୋଗ କରି ସରଳ କର ।

$$\frac{9^2 \times 10^5 \times 25}{5^3 \times 6^4}$$



https://ssvmkalamachhuin.in/

(e) $\left(\frac{13}{8}\times\frac{12}{13}\right)+\left(\frac{-4}{9}\times\frac{3}{2}\right)$ ସରଳ କର ।

(f) $x=\frac{3}{5}$ ଓ $y=\frac{-4}{3}$ ହେଲେ ପ୍ରମାଣ କର ଯେ -

$|x+y|<|x|+|y|$

11. ତିନୋଟି ଭିନ୍ନ ଭିନ୍ନ ଚିତ୍ର ଅଙ୍କନ କରି ଯେକୌଣସି ଗୋଟିକର ସତ୍ୟତା ପ୍ରତିପାଦନ କର । $5\times 1=5$

(a) ତ୍ରିଭୁଜର ଯେ କୌଣସି 2 ଟି ବାହୁର ଦୈର୍ଘ୍ୟର ସମଷ୍ଟି ଏହାର ତୃତୀୟ ବାହୁ ଅପେକ୍ଷା ବୃହତ୍ତର ।

(b) ଏକ ତ୍ରିଭୁଜର ଏକ ବହିଃସ୍ଥ କୋଣର ପରିମାଣ, ଏହାର ଅନ୍ତଃସ୍ଥ ଦୂରବର୍ତ୍ତୀ କୋଣଦ୍ୱୟର ପରିମାଣର ସମଷ୍ଟି ସହ ସମାନ ।

12. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । $5\times 1=5$

(a) $2xy-yz-zx$ ଓ $2yz-zx+xy$ ଯୋଗଫଳରୁ $xy-yz-zx$ ବିୟୋଗ କରି ବିୟୋଗଫଳ ସ୍ଥିର କର ।

(b) $3m^2n-2mn^2+2mn$ ରୁ $mn^2-3mn+3m^2n$ କୁ ବିୟୋଗ କରି ତା ସହିତ $4m^2n+5mn^2-3mn$ କୁ ଯୋଗ କର ।

13. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । $5\times 1=5$

(a) ଗୋଟିଏ ଆୟତଚିତ୍ରର ଦୈର୍ଘ୍ୟ ପ୍ରସ୍ଥର 3 ଗୁଣ ଓ ପରିସୀମା 1 କି.ମି. । ଏହାର ପ୍ରସ୍ଥ ସହ ସମଦୈର୍ଘ୍ୟ ବିଶିଷ୍ଟ ବର୍ଗକ୍ଷେତ୍ରର ପରିସୀମା ନିର୍ଣ୍ଣୟ କର ।

(b) 14 ସେ.ମି. ବାହୁ ବିଶିଷ୍ଟ ଏକ ବର୍ଗଚିତ୍ରର ପ୍ରତ୍ୟେକ ବାହୁ ଉପରେ ଗୋଟିଏ ଲେଖାଏଁ ଅର୍ଦ୍ଧବୃତ୍ତ ଅଙ୍କନ କରାଯାଇଛି । ଉକ୍ତ ଅର୍ଦ୍ଧବୃତ୍ତମାନଙ୍କ ଦ୍ୱାରା ଗଠିତ ଚିତ୍ରର ପରିସୀମା ନିର୍ଣ୍ଣୟ କର ।

14. ସ୍କେଲ ଓ କମ୍ପାସ ସାହାଯ୍ୟରେ ଯେକୌଣସି ଗୋଟିଏର ଅଙ୍କନ କର । $5\times 1=5$

(a) $90^0$ ପରିମାଣର ଏକ କୋଣ ଅଙ୍କନ କରି ତାକୁ ସମଦ୍ୱିଖଣ୍ଡ କର ।

(b) $\overleftrightarrow{AB}$ ଅଙ୍କନ କର । ଏହାର ଏକ ବହିଃସ୍ଥ ବିନ୍ଦୁ ଦେଇ $\overleftrightarrow{AB}$ ସହିତ ସମାନ୍ତର କର $\overleftrightarrow{CD}$ ରେଖା ଅଙ୍କନ କର ।

15. ପ୍ରକଳ୍ପ କାର୍ଯ୍ୟ 10

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ସପ୍ତମ  ବିଷୟ : ମାତୃଭାଷା (ଓଡ଼ିଆ)
ସମୟ : ୨ଘଣ୍ଟା  ପୂର୍ଣ୍ଣସଂଖ୍ୟା : ୧୦୦

୧. ସୁଲିଖନ । ଶିଳ୍ପୀ ସୁନ୍ଦର ମୂର୍ତ୍ତିଟିଏ ଗଢ଼ିଲେ ।

(କ) ବାକ୍ୟଟିକୁ ଗାର ମଧ୍ୟରେ ଲେଖ । ୨

(ଖ) ବାକ୍ୟଟିକୁ ବିନା ଗାରରେ ଲେଖ । ୩

୨. ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ । ୫ × ୨ = ୧୦

(କ) ପାହାଡ଼ ତଳେ କିପରି ଗଡ଼ ନିର୍ମାଣ କରାଗଲା ?

(ଖ) ସୁରେନ୍ଦ୍ର ସାଏ ଥିଲେ ମହାନ୍ ସଂଗ୍ରାମୀ ଓ ସଂଘର୍ଷର ପ୍ରତୀକ । ଏହା ତାଙ୍କ ଜୀବନରେ କିପରି ପ୍ରତିଫଳିତ ହୋଇଥିଲା ?

(ଗ) ସନ୍ନ୍ୟାସୀ କାହାକୁ କୁହାଯାଏ ? ଆଚାର୍ଯ୍ୟ ହରିହରଙ୍କ ପାଇଁ ଏହା କିପରି ପ୍ରଯୁଜ୍ୟ ?

୩. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । ୫

(କ) ଖଣ୍ଡଗିରିକୁ ଦେଖି କବିଙ୍କ ନେତ୍ରରେ ଉତ୍କଳର କେଉଁ କେଉଁ ଦୃଶ୍ୟ ଭାସି ଉଠିଥିଲା ?

(ଖ) ପ୍ରାଚୀନ ଓଡ଼ିଶାର କେଉଁ କେଉଁ କୀର୍ତ୍ତିରାଜିର କଥା ମାଆ ପୁଅକୁ କହିଛନ୍ତି ?

୪. ସରଳାର୍ଥ ଲେଖ । ଗଦ୍ୟ ବିଭାଗରୁ ୧ଟି ପଦ୍ୟ ବିଭାଗରୁ ୧ଟି ।
୫ × ୨ = ୧୦

(କ) ରାଜ୍ୟର ସମସ୍ତ ଲୋକ ଏହି ସମ୍ବାଦରେ ହାହାକାର କରିବାକୁ ଲାଗିଲେ ଏବଂ ଘରେ ଘରେ କ୍ରନ୍ଦନର ରୋଳ ଉଠିଲା ।

କିମ୍ବା

ସେ ତ କାହା ବିକଳ ସହି ପାରନ୍ତି ନାହିଁ ।



https://ssvmkalamachhuin.in/

(ଖ) ତୋଳି ମୁଁ ଧଇଲେ ଗୋଳି ହୋଇଯାଉ ତୁହି,
ତୋ ଦୁର୍ବଳ ଦେଖି କାହିଁ ପଶିବଇଁ ମୁହିଁ ।।

କିମ୍ବା

ଯାହାକୁ ଯେମନ୍ତ ଦିଶେ ତେମନ୍ତ ସେ ଭାଷେ,
ସେ କଥାରେ ମହତଙ୍କ କି ଯାଏ କି ଆସେ ?

୫. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ୩ଟିର) ୨ × ୩ = ୬

(କ) ଦେଶ ପାଇଁ କାମ କଲେ କ'ଣ କ'ଣ କରିବାକୁ ହୁଏ ବୋଲି ଲେଖିକା କହିଛନ୍ତି ?

(ଖ) ଅଦ୍ଭୁତ ପିଲାଟି ଦେଖିବାକୁ କିପରି ଥିଲା ?

(ଗ) କୈକେୟୀ ଦଶରଥଙ୍କୁ କେଉଁ ଦୁଇଟି ବର ମାଗିଥିଲେ ?

(ଘ) 'ମାଡ଼ହାଣ୍ଡି କଥା' ଗଳ୍ପଟିରେ କେଉଁ ବିଷୟରେ କୁହାଯାଇଛି ?

୬. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ୨ଟିର) ୨ × ୨ = ୪

(କ) ଧୂଳିମାଟିରେ ପିଲା କ'ଣ ସବୁ ଗଢ଼ିଥାଏ ?

(ଖ) 'କଳାମାଣିକରେ' ପଦ୍ୟର କବି କିଏ ? ଏହା ତାଙ୍କର କେଉଁ କାବ୍ୟରୁ ଆନୀତ ?

(ଗ) ତାରାମାନଙ୍କର ରବିପଣ କେବଳ ସେଇମାନଙ୍କର ରାଜ୍ୟରେ ସୀମିତ ବୋଲି କୁହାଯାଇଛି କାହିଁକି ?

୭. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । ୧୨

ତୁମର ପ୍ରିୟ ମହାପୁରୁଷ, ବିଜ୍ଞାନର ଉପକାରିତା, ଗୁରୁଦିବସ, ପ୍ରାକୃତିକ ବିପର୍ଯ୍ୟୟ

୮. ସ୍ୱାଧୀନତା ଦିବସ କିପରି ପାଳନ କଲ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

କିମ୍ବା ୮

ବଡ଼ ଭଉଣୀର ବିବାହ ଉପଲକ୍ଷେ ଏକ ସପ୍ତାହ ଛୁଟି ମଞ୍ଜୁର ପାଇଁ ପ୍ରଧାନ ଆଚାର୍ଯ୍ୟଙ୍କ ନିକଟକୁ ଦରଖାସ୍ତ ଲେଖ ।



https://ssvmkalamachhuin.in/

୯. ଅତି ସଂକ୍ଷିପ୍ତ ଉତ୍ତର ଲେଖ । (ଯେକୌଣସି ୨ଟିର) ୧ × ୨ = ୨

(କ) ଅଦ୍ଭୁତ ପିଲାଟି କେଉଁଥିରୁ ସୃଷ୍ଟି ହୋଇଛି ବୋଲି କହିଲା ?

(ଖ) ସୁରେନ୍ଦ୍ର ସାଏଙ୍କ ଅନ୍ତିମ ଜୀବନ କେଉଁ ଜେଲ୍‌ରେ କଟିଥିଲା ?

(ଗ) ଗଙ୍ଗାମାତା କେଉଁଠାରେ ଥିଲେ ?

୧୦. ଅତି ସଂକ୍ଷିପ୍ତ ଉତ୍ତର ଲେଖ । (ଯେକୌଣସି ୨ଟିର) ୧ × ୨ = ୨

(କ) ଯଯାତି କେଶରୀ କେଉଁ ବଂଶର ପ୍ରସିଦ୍ଧ ରାଜା ଥିଲେ ?

(ଖ) 'ଦେଖିନାହିଁ କେତେ ଦିନୁ ଖଣ୍ଡଗିରି' କବିତାରେ କେଉଁ ରାଜାଙ୍କ କଥା ବର୍ଣ୍ଣିତ ହୋଇଛି ?

(ଗ) ଆମ୍ଭ ଭାସ୍କର କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

୧୧. ନିର୍ଦ୍ଦେଶାନୁସାରେ ଉତ୍ତର ଲେଖ ।

(କ) ବାକ୍ୟଗଠନ କର । (୨ଟିର) ୨

ସଂକଳ୍ପ, ଦୁର୍ଭେଦ୍ୟ, ଦାୟିତ୍ୱ

(ଖ) ଅର୍ଥ ଲେଖ । (୨ଟିର) ୨

ଶ୍ୱାପଦ, ରବୟା, ଯମଜ

(ଗ) ପ୍ରତିଶବ୍ଦ ଲେଖ । (ଗୋଟିଏ ଲେଖାଏଁ ୨ଟିର) ୨

ହିଆ, ଭାସ୍କର, ଲଢ଼ଡ଼ି

(ଘ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । ୨

ସର୍ଗ – ସ୍ୱର୍ଗ

ପ୍ରସାଦ – ପ୍ରାସାଦ

(ଙ) ପ୍ରତ୍ୟୟ ଲେଖ । ୨

ଆର୍ଥନୀତିକ, କାର୍ଯ୍ୟ

(ଚ) ଝିଲି ମିଳିକୁ ହସେଇଲା । ୧

ରେଖାଙ୍କିତ ପଦଟି କି ପ୍ରକାର କ୍ରିୟା ?

(ଛ) ମିଶ୍ରକ୍ରିୟା ଲେଖ । ୨

ପାଚିବା, ଶୁଖିବା

(ଜ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୨ଟିର) ୨

କ୍ଷୁଦ୍ର, ଅନୁରକ୍ତ, ନିରକ୍ଷର

https://ssvmkalamachhuin.in/

(ଙ) ଗୋଟିଏ ଶବ୍ଦରେ ଲେଖ । ୧

ପିଇବାର ଇଚ୍ଛା -

୧୨. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

୨ × ୫ = ୧୦

ଉତ୍କଳଖଣ୍ଡରେ ଯେଉଁମାନେ ଆଜି ଆଦିବାସୀ ନାମରେ ଖ୍ୟାତ, ସେମାନେ ଭାରତର ଆଦିମ ଅଧିବାସୀମାନଙ୍କର ବଂଶଧର ବୋଲି କୁହାଯାଏ । ଅନେକ ଦିନ ଧରି ଏହି ଆଦିବାସୀ ଜାତିର ଲୋକମାନଙ୍କୁ ଦ୍ରାବିଡ଼ ନାମରେ ଆଖ୍ୟାତ କରାଯାଇଥିଲା । ଭାରତବର୍ଷର ସମଗ୍ର ଜନତାକୁ ପ୍ରଧାନତଃ ଦୁଇଭାଗରେ ବିଭକ୍ତ କରାଯାଇଥିଲା - ଆର୍ଯ୍ୟ ଓ ଅନାର୍ଯ୍ୟ । ଏହି ଅନାର୍ଯ୍ୟମାନଙ୍କୁ ଦ୍ରାବିଡ଼ ଜାତିର ମନୁଷ୍ୟ ବୋଲି ବିଶ୍ୱାସ କରାଯାଉଥିଲା । କିନ୍ତୁ, ଅଧୁନା ଜାତି ତତ୍ତ୍ୱବିଦ୍‌ମାନେ ନିର୍ଭୁଲ ଭାବେ ଜାଣିପାରିଛନ୍ତି ଯେ ଦ୍ରାବିଡ଼ମାନେ ସାନ୍ତାଳ, କନ୍ଧ ପ୍ରଭୃତି ଆଦିବାସୀ ଜାତିର ଲୋକ ନୁହନ୍ତି । ସେମାନେ ପରବର୍ତ୍ତୀ ଯୁଗର ଏକ ଉନ୍ନତ ସଭ୍ୟତାର ମନୁଷ୍ୟ । ମହେଞ୍ଜୋଦାରୋ ଓ ହରପ୍ପାର ଧ୍ୱଂସାବଶେଷ ପୃଥିବୀ ଗର୍ଭରୁ ଆବିଷ୍କୃତ ହେବା ପରେ ଦ୍ରାବିଡ଼ୀୟ ସଭ୍ୟତାର ପ୍ରକୃତ ପରିଚୟ ମିଳିଛି ଏବଂ ସେ ସଭ୍ୟତା ଯେ ଅତି ଉନ୍ନତ ସ୍ତରର ସଭ୍ୟତା ଥିଲା ଏଥିରେ ସନ୍ଦେହ ନାହିଁ ।

ପ୍ରଶ୍ନାବଳୀ

(କ) ଉତ୍କଳଖଣ୍ଡରେ କେଉଁମାନଙ୍କୁ ଆଦିମ ଅଧିବାସୀ ମାନଙ୍କର ବଂଶଧର ବୋଲି କୁହାଯାଏ ?

(ଖ) ଆଦିବାସୀ ଜାତିର ଲୋକମାନଙ୍କୁ କେଉଁ ନାମରେ ଆଖ୍ୟାତ କରାଯାଇଥିଲା ?

(ଗ) ଭାରତବର୍ଷର ସମଗ୍ର ଜନତାକୁ ପ୍ରଧାନତଃ କେତେ ଭାଗରେ ବିଭକ୍ତ କରାଯାଇଥିଲା ?

(ଘ) ଅଧୁନା ଜାତିତତ୍ତ୍ୱବିଦ୍‌ମାନେ କ'ଣ ଜାଣିପାରିଛନ୍ତି ?

(ଙ) ଦ୍ରାବିଡ଼ୀୟ ସଭ୍ୟତାର ପ୍ରକୃତ ପରିଚୟ କେଉଁ ସମୟରେ ମିଳିଛି ?

୧୩. ପ୍ରକଳ୍ପ କାର୍ଯ୍ୟ ୧୦

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ସପ୍ତମ | ବିଷୟ : ଓଡ଼ିଆ (ସୁଲିଖନ)

ନାମ ______________________________

ବିଭାଗ ________________ ରୋଲ ନଂ ________________

୧. ସୁଲିଖନ । ଶିଳ୍ପୀ ସୁନ୍ଦର ମୂର୍ତ୍ତିଟିଏ ଗଢ଼ିଲେ ।

(କ) ବାକ୍ୟଟିକୁ ଗାର ମଧ୍ୟରେ ଲେଖ । ୨

ଉ : ______________________________

(ଖ) ବାକ୍ୟଟିକୁ ବିନା ଗାରରେ ଲେଖ । ୩

❖❖❖

https://ssvmkalamachhuin.in/

# शिक्षाविकाशसमितिः, ओडिशा

## अर्द्धवार्षिकपरीक्षा: २०२३-२०२४

कक्षा - सप्तमी　　　　　　　　　　　　　　　विषयः - संस्कृतम्

समयः - एका घटिका　　　　　　　　　　　　　पूर्णांका: - ५०

१. संस्कृतेन एकेन पदेन उत्तरं लिखत। (षणाम्)　　　१ × ६ = ६

(क) गङ्गा कुतः निर्गता?

(ख) आर्यभट्टः कस्मिन् विषये स्वमतं प्रकाशितवान्?

(ग) जयदेवः कस्मिन् ग्रामे अजायत?

(घ) वयं कां प्रणमामः?

(ङ) गोमाता कस्य मूल-कारणम् अस्ति?

(च) के गङ्गया तारिताः?

(छ) कस्मिन् पुस्तके पञ्चाशत् श्लोकाः "गोला" विषये वर्णिताः?

२. मातृभाषया अनुवादं कुरुत । (त्रयाणाम्)　　　२ × ३ = ६

(क) देवशर्मा अपुत्रिकः आसीत्।

(ख) नरः कर्मणा नारायणत्वं प्राप्नोति।

(ग) शिशुः गोमातुः दुग्धतः स्वर्णांशः प्राप्नोति।

(घ) गङ्गायाः वहुनदाः विनिर्गताः।

३. संस्कृतभाषया अनुवादं कुरुत । (त्रयाणाम्)　　　२ × ३ = ६

(କ) ପୃଥିବୀ ବର୍ତ୍ତୁଳାକାର ଅଟେ ।

(ଖ) ଜୟଦେବ ଗୀତଗୋବିନ୍ଦ କାବ୍ୟ ରଚନା କରିଥିଲେ ।

(ଗ) ପ୍ରତୀକ୍ଷା ବିଦ୍ୟାଳୟରେ ପଢୁଛି ।

(ଘ) ଆଦିତ୍ୟ ସେଠାରେ ରହୁଛି ।

४. शून्यस्थानानि पूरयत । (त्रयाणाम्)　　　१ × ३ = ३

(क) सा ________ परितः भ्रमति।

(ख) ________ तस्य अचला भक्तिः।



https://ssvmkalamachhuin.in/

(ग) ________ विश्वे अद्वितीया।

(घ) सा ________ इति प्रसिद्धा।

५. पादपूरणं कुरुत । (त्रयाणाम्) १ × ३ = ३

(क) ________ भूमिं ततः।

(ख) देशरक्षा ________ दृष्टो नैव च नैव च।

(ग) ________ पुनरवतीर्णा स्यात्।

(घ) ________ तु कृतनिर्धाराः।

६. रेखांकितपदानां भ्रमं संशोधयत । (त्रयाणाम्) १ × ३ = ३

(क) दुष्टजनाः गङ्गायाः सलिलं पिवन्ति।

(ख) जयदेवः गुप्तसाम्राज्यसमये जन्म नीतवान्।

(ग) देवशर्मा पद्मावती सह जयदेवं उपागतः।

(घ) गङ्गा विश्वमाता इति प्रसिद्धा।

७. संधिविच्छेदं कुरुत । (चतुर्णाम्) १ × ४ = ४

पदान्निर्गता, पुनश्च, जगन्नाथ, अत्रैव, कदापि

८. संस्कृतेन वाक्यानि रचयत। (पञ्चानाम्) १ × ५ = ५

भ्रमति, इति, प्रणमामः, अस्ति, सर्वतः

९. मातृभाषया शब्दार्थः लिखत। (त्रयाणाम्) १ × ३ = ३

स्वस्य, परितः, एकदा, अत्र

१०. शुद्धशब्दं लिखतु। (त्रयाणाम्) १ × ३ = ३

सिवः, पृथिवि, गितम्, भुमिः

११. स्तम्भमेलनं कुरुत। १ × ३ = ३

| 'क' | 'ख' |
|---|---|
| त्रयोविंशतिः | वहुमूल्यम् |
| देवशर्मा | वर्षे |
| गोमयम् | अपुत्रिकः |

१२. प्रकल्पकार्यम्। ५

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ସପ୍ତମ — ବିଷୟ : ବିଜ୍ଞାନ

ସମୟ : ୨ ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୧୦୦

୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ । $\quad$ ୧ × ୫ = ୫

(କ) ଯୌଗିକର କ୍ଷୁଦ୍ରତମ କଣିକାକୁ କ'ଣ କୁହାଯାଏ ?

(ଖ) ରାସାୟନିକ ପ୍ରତିକ୍ରିୟାରେ ଭାଗନେଉଥିବା ପଦାର୍ଥକୁ କ'ଣ କୁହାଯାଏ ?

(ଗ) ପଶମ ଶାଲ୍ କେଉଁ ଜାତିର ମେଣ୍ଢାଠାରୁ ମିଳିଥାଏ ?

(ଘ) ଜୀବର ପୋଷଣ ପାଇଁ ଆବଶ୍ୟକ ଉପାଦାନମାନଙ୍କୁ କ'ଣ କୁହାଯାଏ ?

(ଙ) ଆମ ଶରୀରର ଆକୃତି, ଉଚ୍ଚତା ଓ ଆଖିର ରଙ୍ଗ ପ୍ରଭୃତିକୁ କିଏ ନିୟନ୍ତ୍ରଣ କରିଥାଏ ?

୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

୧ × ୫ = ୫

(357°C, ପ୍ୟୁପା, ଲବଣାମ୍ଳ, ଭୋର, ଭିଲି, -39°C)

(କ) ରେଶମ କୀଟ ଲାର୍ଭାର ପରବର୍ତ୍ତୀ ଅବସ୍ଥା ________ ଅଟେ ।

(ଖ) କ୍ଷୁଦ୍ରାନ୍ତ୍ରର ଭିତରପଟ ଆବରଣରେ ଆଙ୍ଗୁଳି ପରି ଉପରକୁ ଉଠିରହିଥିବା ଅଂଶକୁ ________ କୁହାଯାଏ ।

(ଗ) ଖାଦ୍ୟରେ ଥିବା ________ ବ୍ୟାକ୍ଟେରିଆ ଗୁଡ଼ିକୁ ମାରିଦିଏ ।

(ଘ) ପାରଦର ସ୍ଫୁଟନାଙ୍କ ________ ।

(ଙ) ପ୍ରାୟତଃ ଦିନର ସର୍ବନିମ୍ନ ତାପମାତ୍ରା ________ ସମୟରେ ହୋଇଥାଏ ।



https://ssvmkalamachhuin.in/

୩. ବାମ ପାର୍ଶ୍ୱର ସଂପର୍କକୁ ଦେଖି ଡାହାଣ ପାର୍ଶ୍ୱର ସଂପର୍କ ଲେଖ । ୧ × ୫=୫

(କ) ମନୁଷ୍ୟ କ୍ଷୁଦ୍ରାନ୍ତ୍ର : 7.5 ମିଟର :: ମନୁଷ୍ୟ ବୃହଦନ୍ତ୍ର : ________

(ଖ) ବାୟୁର ଆର୍ଦ୍ରତା : ହାଇଗ୍ରୋମିଟର :: ପବନର ବେଗ : ________

(ଗ) ସୀସା : Pb :: ସୁନା : ________

(ଘ) ସେଲସିଅସ୍ ସ୍କେଲ : ଆଣ୍ଡ୍ରୋ ସେଲସିଅସ :: ଫାରେନ୍‌ହାଇଟ୍ ସ୍କେଲ : ________

(ଙ) ଛତୁ : ମୃତଭୋଜୀ ପୋଷଣ :: ମଲାଙ୍ଗ : ________

୪. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦ ବାଛି ଲେଖ ।

୧ × ୫ = ୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଫୋଲିଅଜ | ପ୍ରାକୃତିକ ସୂଚକ |
| ଆର୍ସେନିକ୍ | ଯବକ୍ଷାରଜାନ |
| ମନ୍ଦାର | ଉପଧାତୁ |
| ରାଇଜୋବିୟମ୍ | ସ୍ୱିଡ଼େନ |
| ଶୀତଳ ଜଳବାୟୁ | ଲାଇକେନ୍ |
| | ରାଜସ୍ଥାନ |

୫. ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ୧ × ୫ = ୫

(କ) ଶୈବାଳ ଓ କବକ ମଧ୍ୟରେ ସହଜୀବୀ ଅବସ୍ଥା କାହାଠାରେ ଦେଖାଯାଏ ?

(ଫିମ୍ପି, ଲାଇକେନ, ପେନ୍‌ସିଲିୟମ୍, ପରଜୀବୀ

(ଖ) ଆଇରନ୍ ସଲଫେଟ୍ ଦ୍ରବଣର ରଙ୍ଗ କିପରି ?

(ନୀଳ, ସବୁଜ, ବର୍ଣ୍ଣହୀନ, ଲାଲ୍)



https://ssvmkalamachhuin.in/

(ଗ) ପଶମ କାରଖାନାର କର୍ମଚାରୀଙ୍କୁ କେଉଁ ରୋଗ ହେବାର ସମ୍ଭାବନା ଥାଏ ?

(ହଇଜା, ମ୍ୟାଲେରିଆ, ଆନ୍ଥ୍ରାକ୍ସ, ବସନ୍ତ)

(ଘ) ତରଳରେ କେଉଁ ପ୍ରକ୍ରିୟାରେ ତାପ ସଞ୍ଚରଣ ହୁଏ ?

(ପରିବହନ, ପରିଚଳନ, ବିକିରଣ, ବିସରଣ)

(ଙ) ଏମାନଙ୍କ ମଧ୍ୟରୁ କିଏ ଶୀତସୁପ୍ତି କରେ ନାହିଁ ।

(ସାପ, ଜିଆ, ଅସରପା, ଝିଟିପିଟି)

୬. ରେଖାଙ୍କିତ ପଦ ନ ବଦଳାଇ ଭ୍ରମ ଥିଲେ ସଂଶୋଧନ କର ।୧ × ୫ = ୫

(କ) ବିଶ୍ୱର ପ୍ରଥମ ତାପମାନ ଯନ୍ତ୍ର ୧୬୫୫ ମସିହାରେ ତିଆରି ହୋଇଥିଲା ।

(ଖ) କ୍ଷୁଦ୍ରାନ୍ତ୍ରର ଉପର ଅଂଶକୁ ବୃହଦନ୍ତ୍ର କୁହାଯାଏ ।

(ଗ) ବାୟୁର ଆର୍ଦ୍ରତା କମିଗଲେ ଆମକୁ ଗୁଳୁଗୁଳି ଲାଗେ ।

(ଘ) ମୌଳିକଗୁଡ଼ିକୁ ସେମାନଙ୍କର ସଙ୍କେତ ସାହାଯ୍ୟରେ ସଂକ୍ଷେପରେ ଦର୍ଶାଯାଇଥାଏ ।

(ଙ) ମନ୍ଦାରଫୁଲ ପାଖୁଡ଼ାରୁ ପ୍ରସ୍ତୁତ ଦ୍ରବଣ ଅମ୍ଳୀୟ ଦ୍ରବଣ ସହ ମିଶି ସବୁଜ ରଙ୍ଗ ହୁଏ ।

୭. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ । ୨ × ୫ = ୧୦

(କ) ସମସ୍ଥାନିକ ବା ଆଇସୋଟପ୍ କହିଲେ କ'ଣ ?

(ଖ) ରାସାୟନିକ ସମୀକରଣ କହିଲେ କ'ଣ ?

(ଗ) ଉଷ୍ଣ ଓ ଆର୍ଦ୍ର ଜଳବାୟୁ କାହାକୁ କୁହାଯାଏ ଓ ଏହି ଜଳବାୟୁ କେଉଁଠାରେ ଦେଖାଯାଏ ?

(ଘ) ପରିପାକ ବିଭାଗର ଚିତ୍ର ଅଙ୍କନ କରି ବିଭିନ୍ନ ଅଂଶ ଦର୍ଶାଅ ।

(ଙ) ତାପ ଓ ତାପମାତ୍ରା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।



https://ssvmkalamachhuin.in/

୮. ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଦିଅ । ୪ × ୪ = ୧୬

(କ) ଯୌଗିକ ଓ ମିଶ୍ରଣ ମଧ୍ୟରେ ପାର୍ଥକ୍ୟ ଲେଖ ।

(ଖ) ରେଶମ କୀଟ କିପରି ପାଳନ କରାଯାଏ ?

(ଗ) ପ୍ରଶମନୀକରଣ କ'ଣ ଉଦାହରଣ ସହ ବୁଝାଅ ।

(ଘ) ଖଣିଗୁଡ଼ିକରେ ଡେଭିଙ୍କ ନିରାପଦ ବତୀ ବ୍ୟବହାର କରାଯାଏ, ଏହାର କାରଣ କ'ଣ ?

(ଙ) ବେଙ୍ଗର ଉପଯୋଜନ ବିଷୟରେ ସଂକ୍ଷେପରେ ଲେଖ ।

୯. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ । ୪ × ୪ = ୧୬

(କ) ତାପ ପରିବହନ ଓ ତାପ ପରିଚଳନ ମଧ୍ୟରେ ପାର୍ଥକ୍ୟ ଲେଖ ।

(ଖ) ପାକସ୍ଥଳୀରେ କିପରି ଖାଦ୍ୟ ହଜମ ହୋଇଥାଏ ?

(ଗ) ପଦାର୍ଥ ତରଳ ଅବସ୍ଥାରେ କି କି ବିଶେଷ ଗୁଣ ଅଛି ?

(ଘ) ଭୌତିକ ପରିବର୍ତ୍ତନ ଓ ରାସାୟନିକ ପରିବର୍ତ୍ତନ ମଧ୍ୟରେ ୪ଟି ପାର୍ଥକ୍ୟ ଲେଖ ।

(ଙ) ସ୍ଥଳ ସମୀର ଓ ସମୁଦ୍ର ସମୀର କହିଲେ କ'ଣ ?

୧୦. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖ । ୬ × ୩ = ୧୮

(କ) ମେଣ୍ଢାଲୋମରୁ ପଶମ ପ୍ରସ୍ତୁତିର ସୋପାନଗୁଡ଼ିକ ଲେଖ ।

(ଖ) କଠିନ ପଦାର୍ଥରେ କିପରି ତାପ ସଞ୍ଚରଣ ହୁଏ ତାହା ପରୀକ୍ଷାଦ୍ୱାରା ବୁଝାଅ ।

(ଗ) ଆମିବାର ପୋଷଣ ପ୍ରଣାଳୀ ବର୍ଣ୍ଣନା କର ।

(ଘ) ପାରଦର କି କି ବିଶେଷ ଗୁଣ ଯୋଗୁଁ ତାକୁ ତାପମାନ ଯନ୍ତ୍ରରେ ବ୍ୟବହାର କରାଯାଏ ?

୧୧. ପ୍ରକଳ୍ପ କାର୍ଯ୍ୟ । ୧୦

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ସପ୍ତମ — ବିଷୟ : ଇତିହାସ ଓ ରାଜନୀତି ବିଜ୍ଞାନ

ସମୟ : ୧ ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୫୦

୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ଲେଖ । ୫ × ୨ = ୧୦

(କ) ଚୋଳମାନଙ୍କର ରାଜ୍ୟ ଶାସନ ବିଷୟରେ ସଂକ୍ଷେପରେ ଆଲୋଚନା କର ।

କିମ୍ବା

ମଧ୍ୟଯୁଗୀୟ ଓଡ଼ିଶାର ମନ୍ଦିର-ସ୍ଥାପତ୍ୟ ବିଷୟରେ ଉଲ୍ଲେଖ କର ।

(ଖ) ଇଣ୍ଡୋ - ଇସଲାମୀୟ କଳା ଓ ସ୍ଥାପତ୍ୟ କିପରି ସୃଷ୍ଟି ହୋଇଥିଲା ?

କିମ୍ବା

ମୋଗଲମାନଙ୍କର ଧର୍ମନୀତି କିପରି ଥିଲା ?

୨. ଦୁଇଟି ବାକ୍ୟରେ ଉତ୍ତର ଲେଖ । ୨ × ୫ = ୧୦

(କ) ଶିଖ୍ ଧର୍ମର ପ୍ରତିଷ୍ଠାତା କିଏ ? ତାଙ୍କ ନୀତିବାଣୀ କେଉଁଥିରେ ଉଲ୍ଲେଖ ଅଛି ?

କିମ୍ବା

ମହମ୍ମଦ ଘୋରୀଙ୍କ ଅନ୍ୟ ନାମ କ'ଣ ? ସେ କେଉଁ ରାଜ୍ୟର ଶାସକ ଥିଲେ ?

(ଖ) ଚୋଳମାନଙ୍କର ରାଜଧାନୀ କେଉଁଠାରେ ଥିଲା ? ଏହାକୁ କିଏ ସ୍ଥାପନ କରିଥିଲେ ?

କିମ୍ବା

ବଲ୍‌ବନ୍ କେଉଁ ନୀତି ଅନୁସରଣ କରିଥିଲେ ଓ କାହିଁକି ?



https://ssvmkalamachhuin.in/

(ଗ) ପଦ୍ମିନୀ କିଏ ? ସେ କାହିଁକି ମୃତ୍ୟୁବରଣ କଲେ ?

କିମ୍ବା

ଦାସବଂଶର ମୂଳଦୂଆ କାହା ଦ୍ୱାରା ପଡ଼ିଥିଲା ? ସେ କାହାର ଦାସ ଥିଲେ ?

(ଘ) ଆକବର କେବେ ଓ କେଉଁଠାରେ ଉପାସନା ଗୃହ ନିର୍ମାଣ କରିଥିଲେ ?

କିମ୍ବା

ଗ୍ରାମର ମୁଖିଆଙ୍କୁ କ'ଣ କୁହାଯାଉଥିଲା ? କେତୋଟି ଗ୍ରାମକୁ ନେଇ ପ୍ରଗଣା ଗଠିତ ହୋଇଥିଲା ?

(ଙ) କିଏ ବାହମନୀ ରାଜ୍ୟ ଗଠନ କରିଥିଲେ ? ଏହି ରାଜ୍ୟର ରାଜଧାନୀର ନାମ କ'ଣ ?

କିମ୍ବା

ବିଜୟ ନଗରର ଶ୍ରେଷ୍ଠ ରାଜା କିଏ ? ସେ କେଉଁ ବଂଶର ଥିଲେ ?

୩. ଗୋଟିଏ ବାକ୍ୟରେ ଉତ୍ତର ଲେଖ । ୧ × ୫ = ୫

(କ) ବାବର କେଉଁ ଭାଷାରେ ନିଜ ଆତ୍ମଜୀବନ ଚରିତ ରଚନା କରିଥିଲେ ?

(ଖ) ଅନ୍ଧ କବି ସୁରଦାସ କ'ଣ ରଚନା କରିଥିଲେ ?

(ଗ) ମାରୱାରର ବର୍ତ୍ତମାନ ନାମ କ'ଣ ?

(ଘ) କିଏ 'ଦିନାର' ନାମକ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ ?

(ଙ) 'ପ୍ରତିହାର'ର ଅର୍ଥ କ'ଣ ?

୪. ଶୂନ୍ୟସ୍ଥାନ ପୂରଣ କର । ୧ × ୩ = ୩

(କ) ବାହମନୀ ରାଜ୍ୟରେ ________ ଜଣ ରାଜା ଶାସନ କରିଥିଲେ ।

(ଖ) ମୋଗଲ ରାଜତ୍ୱ କାଳରେ ________ ରାଜଭାଷା ଥିଲା ।

(ଗ) ମାମୁଦଙ୍କ ଦରବାରରେ ପାରସିକ କବି ________ ପ୍ରସିଦ୍ଧ ଥିଲେ ।



https://ssvmkalamachhuin.in/

୫. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର । ୧ × ୪ = ୪

(କ) ସୋମବଂଶୀମାନେ ସୂର୍ଯ୍ୟବଂଶୀୟ ଶାସକ ଥିଲେ ।

(ଖ) କାମ୍ବାନ କନ୍ନଡ଼ ଭାଷାରେ ରାମାୟଣ ରଚନା କରିଥିଲେ ।

(ଗ) ରେଜିଆ ବଲ୍‌ବନଙ୍କ ଝିଅ ଥିଲେ ।

(ଘ) ବାବର ଆକବରଙ୍କ ପିତା ଥିଲେ ।

୬. କାଳର କ୍ରମ ଅନୁସାରେ ସାଜାଇ ଲେଖ । ୨

ରାମଚନ୍ଦ୍ର, ଭିଲ୍ଲମା, ଜୈତ୍ରପାଳ, ଶଙ୍କରଦେବ

୭. ସ୍ତମ୍ଭ ମିଳନ କର । ୧ × ୨ = ୨

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| କବୀର | ଶାରଦାମଠ |
| ଯାଜପୁର | ଭକ୍ତିବାଦ |
| | ନାଭିଗୟା |

## ରାଜନୀତି ବିଜ୍ଞାନ

୮. ଦୁଇଟି ବାକ୍ୟରେ ଉତ୍ତର ଦିଅ । ୨ × ୩ = ୬

(କ) ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ କେବେ ଠାରୁ କାର୍ଯ୍ୟକାରୀ ହୋଇ ଆସୁଛି ଏବଂ କେତେ ଥର ସଂଶୋଧନ ହୋଇଛି ?

କିମ୍ବା

ଭାରତୀୟ ସମ୍ବିଧାନରେ କେତୋଟି ଧାରା ରହିଛି ଓ କେଉଁ ଧାରାରେ ସମ୍ବିଧାନ ସଂଶୋଧନ ପ୍ରଣାଳୀ ବର୍ଣ୍ଣିତ ହୋଇଛି ?

(ଖ) ନମନୀୟ ସମ୍ବିଧାନର ଦୁର୍ଗୁଣଗୁଡ଼ିକ ଲେଖ ।

କିମ୍ବା

ବଙ୍ଗ ବିଭାଜନ କେବେ ହୋଇଥିଲା ? ଏହା ମୂଳରେ ତତ୍କାଳୀନ ଇଂରେଜ ସରକାରଙ୍କ ଲକ୍ଷ୍ୟ କ'ଣ ଥିଲା ?



https://ssvmkalamachhuin.in/

(ଗ) କେବେ ଓ କାହା ଉଦ୍ୟମରେ ଭାରତୀୟ ଜାତୀୟ କଂଗ୍ରେସ ସୃଷ୍ଟି ହେଲା ?

କିମ୍ବା

ମର୍ଲେମିଣ୍ଟୋ ଶାସନ ସଂସ୍କାର କେବେ ପ୍ରଣୀତ ହୋଇଥିଲା ? ଏହି ଆଇନ୍ ବ୍ୟବସ୍ଥାରେ ମୁସଲମାନ ମାନଙ୍କ ପାଇଁ କ'ଣ ସୁପାରିଶ କରାଯାଇଥିଲା ?

୯. ଗୋଟିଏ ବାକ୍ୟରେ ଉତ୍ତର ଲେଖ । ୧ × ୩ = ୩

(କ) କେବେ ଖିଲାଫତ୍ ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(ଖ) ଜାଲିଆନାୱାଲାବାଗ୍ ଗଣହତ୍ୟା କେଉଁଠାରେ ସଂଘଟିତ ହୋଇଥିଲା ?

(ଗ) କେଉଁ ଦେଶର ସମ୍ବିଧାନ ଏକ ବିକଶିତ ସମ୍ବିଧାନ ?

୧୦. ପ୍ରକଳ୍ପ କାର୍ଯ୍ୟ : ୪

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ସପ୍ତମ — ବିଷୟ : ଭୂଗୋଳ

ସମୟ : ୧ ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୫୦

**ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।**

୧. ଭୂତ୍ୱକରେ ଥିବା ମୁଖ୍ୟ ତିନିଗୋଟି ଶିଳାର ନାମ ଲେଖି ତନ୍ମଧ୍ୟରୁ ସ୍ତରୀଭୂତ ଶିଳା ବିଷୟରେ ଆଲୋଚନା କର ।

କିମ୍ବା — ୫

ଭୂମିରୂପର ଶ୍ରେଣୀ ବିଭାଗ କରି ସେଗୁଡ଼ିକ ବିଷୟରେ ସଂକ୍ଷେପରେ ବର୍ଣ୍ଣନା କର ।

୨. ବାୟୁମଣ୍ଡଳର ବିଭିନ୍ନ ସ୍ତରର ନାମ ଲେଖି ତନ୍ମଧ୍ୟରୁ ସର୍ବନିମ୍ନ ସ୍ତରର ଉପକାରିତା ତଥା ଗୁରୁତ୍ୱ ବିଷୟରେ ଲେଖ ।

କିମ୍ବା — ୫

ସାଗର ଓ ମହାସାଗରର ଗୁରୁତ୍ୱ ଉଦାହରଣ ସହ ବୁଝାଅ ।

୩. ପାର୍ଥକ୍ୟ ଦର୍ଶାଅ । — ୨ × ୨ = ୪

କ) ଶୀତଳ ସାମୁଦ୍ରିକ ସ୍ରୋତ ଓ ଉଷ୍ଣ ସାମୁଦ୍ରିକ ସ୍ରୋତ

କିମ୍ବା

ସ୍ତୂପ ପର୍ବତ ଓ ଗସ୍ତ ଉପତ୍ୟକା

ଖ) ପରିସଂସ୍ଥା ଓ ଜୀବାଳୀ

କିମ୍ବା

ଜୁଆର ଓ ଭଟ୍ଟା



https://ssvmkalamachhuin.in/

୪. ଭୌଗୋଳିକ କାରଣ ଦର୍ଶାଅ । ୨ × ୨ = ୪

କ) ପଶ୍ଚିମଘାଟ ପର୍ବତମାଳାର ପୂର୍ବ ପାର୍ଶ୍ୱରେ କମ୍ ବୃଷ୍ଟିପାତ ହୁଏ ।

କିମ୍ବା

ଅଷ୍ଟମୀ ତିଥିରେ ଲଘୁ ଜୁଆର ସଂଗଠିତ ହୋଇଥାଏ ।

ଖ) ସମତଳ ଶଯ୍ୟାରେ ନଦୀବାଙ୍କ ସୃଷ୍ଟି ହୁଏ ।

କିମ୍ବା

ବିଷୁବବୃତ୍ତଠାରୁ ମେରୁ ଆଡ଼କୁ ଗଲେ ତାପମାତ୍ରା କ୍ରମଶଃ ହ୍ରାସ ପାଇଥାଏ ।

୫. ସଂକ୍ଷେପରେ ଉତ୍ତର ଦିଅ । ୨ × ୩ = ୬

କ) ପୃଥିବୀର କେଉଁ କେଉଁ ଅଞ୍ଚଳରେ ଦୈନିକ ପରିଚଳନ ବୃଷ୍ଟିପାତ ହୋଇଥାଏ ?

କିମ୍ବା

ଜଳପ୍ରପାତ କହିଲେ କ'ଣ ବୁଝ ?

ଖ) ଭାରତର କେଉଁ ଅଞ୍ଚଳମାନଙ୍କରେ କ୍ରାନ୍ତୀୟ ଚିରହରିତ ଅରଣ୍ୟ ଦେଖାଯାଏ ?

କିମ୍ବା

ସମାନୀକରଣ ପ୍ରକ୍ରିୟା କ'ଣ ?

ଗ) ଅଶ୍ୱଖୁରାକୃତି ହ୍ରଦ କିପରି ସୃଷ୍ଟି ହୁଏ ?

କିମ୍ବା

ତାପ ବଜେଟ୍ କହିଲେ କ'ଣ ବୁଝ ?

୬. ଏକପଦରେ ପ୍ରକାଶ କର । ୧ × ୩ = ୩

କ) ପୃଥିବୀର ଗଭୀରତମ ସାମୁଦ୍ରିକ ଖାତ –

ଖ) ଘନୀଭବନର ବିପରୀତ କ୍ରିୟା –

ଗ) ଯେଉଁ ସ୍ଥଳଭାଗର ତିନି ପାର୍ଶ୍ୱ ଜଳଦ୍ୱାରା ପରିବେଷ୍ଟିତ –



https://ssvmkalamachhuin.in/

୭. ବିକଳ୍ପ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ୧ × ୩ = ୩

କ) କେଉଁ ସ୍ତରଟି ପୃଥିବୀର ସବୁଠାରୁ ପତଳା ସ୍ତର ?

(i) ଭୂତ୍ୱକ (ii) ମାଣ୍ଟଲ (iii) କୋର

ଖ) ଭୂମିକମ୍ପ କେନ୍ଦ୍ରରୁ କେତେ ପ୍ରକାର ଶକ୍ତି ତରଙ୍ଗ ସୃଷ୍ଟି ହୋଇଥାଏ ?

(i) ଏକ (ii) ଦୁଇ (iii) ତିନି

ଗ) ଭୂପୃଷ୍ଠରେ ମାଗ୍ମାକୁ କ'ଣ କୁହାଯାଏ ?

(i) କୋର (ii) ଲାଭା (iii) ଆଗ୍ନେୟପର୍ବତ

୮. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

୧ × ୩ = ୩

କ) ଭାରତର ________ ନଦୀ ଗସ୍ତ ଉପତ୍ୟକା ମଧ୍ୟ ଦେଇ ପ୍ରବାହିତ ।

(ତାପ୍ତି, ଗଙ୍ଗା, ସିନ୍ଧୁ)

ଖ) ପୃଥିବୀର ଉଚ୍ଚତମ ଜଳପ୍ରପାତ ________ ଅଟେ ।

(ଡୁଡୁମା, ହୀରାକୁଦ, ଆଂଜେଲ)

ଗ) ଆମ ରାଜ୍ୟରେ ମହାବାତ୍ୟା ________ ମସିହାରେ ସଂଗଠିତ ହୋଇଥିଲା ।

(୧୯୯୯, ୨୦୨୦, ୨୦୦୪)

୯. କାହାକୁ କୁହାଯାଏ ? ୧ × ୩ = ୩

କ) ରେନଗଜ୍

ଖ) ସିନ୍ଧୁମଳ

ଗ) ମହୀସୋପାନ



https://ssvmkalamachhuin.in/

୧୦. ଭୌଗୋଳିକ ଦୃଷ୍ଟିକୋଣରୁ ଭିନ୍ନ ଶବ୍ଦଟିକୁ ବାଛ । ୧ × ୩ = ୩

(କ) ଅରଣ୍ୟ, ତୃଣଭୂମି, କଣ୍ଟାବୁଦା, କ୍ରାନ୍ତୀୟ ଉଦ୍ଭିଦ

(ଖ) ତରଙ୍ଗ, ବାୟୁପ୍ରବାହ, ସାମୁଦ୍ରିକ ସ୍ରୋତ, ଜୁଆର

(ଗ) ସୁନାମୀ, ଭୂମିକମ୍ପ, ଜାପାନୀ, ଅଗ୍ନିଉଦ୍‌ଗୀରଣ

୧୧. ପ୍ରଥମ ଯୋଡ଼ି ଦେଖି ଦ୍ୱିତୀୟ ଯୋଡ଼ି ପୂରଣ କର । ୧ × ୩ = ୩

(କ) ସର୍ବବୃହତ୍ ମହାସାଗର : ପ୍ରଶାନ୍ତ ମହାସାଗର : ତୃତୀୟ ବୃହତ୍ତମ ମହାସାଗର : ________

(ଖ) ପର୍ବତ ଗଠନ : ଧୀର ଶକ୍ତି :: ଭୂମିକମ୍ପ : ________

(ଗ) ପ୍ରାଚୀର ସଦୃଶ ଭୂମିରୂପ : ଷ୍ଟାକ୍ :: ଷ୍ଟାକକ୍ଷୟ ହେଲେ : ________

୧୨. ଉପଯୁକ୍ତ ଭୌଗୋଳିକ ସମ୍ପର୍କ ଦେଖି ସ୍ତମ୍ଭ ମିଳନ କର । ୧ × ୩ = ୩

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଟେବୁଲ ଲ୍ୟାଣ୍ଡ | ଟେଥିସ୍ ସାଗରର ଉତ୍ତରରେ ଥିବା ଭୂଖଣ୍ଡ |
| ଗଣ୍ଡୱାନା ଲ୍ୟାଣ୍ଡ | ମାଳଭୂମି |
| ଆଙ୍ଗରା ଲ୍ୟାଣ୍ଡ | ଆଭ୍ୟନ୍ତରୀଣ ଶକ୍ତି |
| | ଟେଥିସ ସାଗରର ଦକ୍ଷିଣରେ ଥିବା ଭୂଖଣ୍ଡ |

୧୩. ପ୍ରକଳ୍ପ କାର୍ଯ୍ୟ । ୫

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ସପ୍ତମ** **ବିଷୟ : ସାଧାରଣଜ୍ଞାନ**

**ସମୟ : ୧ଘଣ୍ଟା** **ପୂର୍ଣ୍ଣସଂଖ୍ୟା : ୫୦**

ପ୍ରତ୍ୟେକ ପ୍ରଶ୍ନ ନିମନ୍ତେ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରକୁ ବାଛି ଶିଶୁ ଭାଇଭଉଣୀମାନେ OMR Answer Sheet ରେ ଦିଆଯାଇଥିବା ଗୋଲକୁ କଳା କିମ୍ବା ନୀଳ ରଙ୍ଗର ବଲ୍‌ପେନ୍‌ରେ କଳା/ନୀଳ କରିବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ସମାନ । ୧ × ୫୦ = ୫୦

୧. ଝୁଲନ୍ତା ଉଦ୍ୟାନ କେଉଁଠାରେ ଅଛି ?

(A) ଶ୍ରୀଲଙ୍କା (B) ବର୍ଲିନ (C) ଇଜିପ୍ଟ (D) କେରଳ

୨. ପୃଥିବୀର ପ୍ରଥମ ଉପନ୍ୟାସର ନାମ କ'ଣ ?

(A) ପାମେଲା (B) ବିସର୍ଜ୍ଜନ (C) ଛମାଣ ଆଠଗୁଣ୍ଠ (D) ପ୍ରାୟଶ୍ଚିତ

୩. ମିଳିତ ଜାତିସଂଘର ପ୍ରଥମ ମହିଳା ଅଧ୍ୟକ୍ଷଙ୍କ ନାମ କ'ଣ ?

(A) ଶ୍ରୀମତୀ ଇନ୍ଦିରା ଗାନ୍ଧୀ (B) ମଦର ଟେରେସା

(C) ଭଗିନୀ ନିବେଦିତା (D) ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ

୪. ପୃଥିବୀର ଉଚ୍ଚତମ ଜଳପ୍ରପାତ କେଉଁଠାରେ ଅବସ୍ଥିତ ?

(A) ଆଞ୍ଜେଲ (ଭେନଜୁଏଲା) (B) କାନାଡ଼ା (C) ପ୍ୟାରିସ (D) କର୍ଣ୍ଣାଟକ

୫. ପୃଥିବୀର କ୍ଷୁଦ୍ରତମ ମହାଦେଶର ନାମ କ'ଣ ?

(A) ଉତ୍ତର ଆମେରିକା (B) ଏସିଆ (C) ଆଫ୍ରିକା (D) ଅଷ୍ଟ୍ରେଲିଆ

୬. ସହସ୍ର ହ୍ରଦର ଦେଶ କାହାକୁ କୁହାଯାଏ ?

(A) ନରୱେ (B) କାନାଡ଼ା (C) ଫିନଲାଣ୍ଡ (D) ଅଷ୍ଟ୍ରେଲିଆ

୭. ତାଳତେଲର ଦେଶ କାହାକୁ କୁହାଯାଏ ?

(A) ନାଇଜେରିଆ (B) ଶ୍ରୀଲଙ୍କା (C) ନେପାଳ (D) ଭୁଟାନ

୮. ଶାନ୍ତ ସକାଳର ଦେଶ କାହାକୁ କୁହାଯାଏ ?

(A) କୋରିଆ (B) ନରୱେ (C) ଜାପାନ (D) ଜର୍ମାନ

୯. ଚିର ସବୁଜ ଦେଶ କାହାକୁ କୁହାଯାଏ ?

(A) ଇଟାଲି (B) ନେପାଳ

(C) ଉଇଟ ୱାଟସରଲ୍ୟାଣ୍ଡ (ଆଫ୍ରିକା) (D) ଜିମ୍ବାୱେ

୧୦. ଆଲୋକର ବେଗ ପ୍ରଥମେ କିଏ ମାପିଥିଲେ ?

(A) ସି.ଭି.ରମଣ (B) ମାର୍କୋନି (C) ରୋମର (D) ଆଇନଷ୍ଟାଇନ୍



https://ssvmkalamachhuin.in/

୧୧. ଶରୀରରେ ଇନ୍‌ସୁଲିନ୍ ଅଭାବରେ କେଉଁ ରୋଗ ହୋଇଥାଏ ?

(A) କ୍ୟାନସର (B) ମଧୁମେହ (C) କାଶ (D) ଜ୍ୱର

୧୨. ସ୍ପିଡ୍ରୋମିଟର ବ୍ୟବହାର କରିଲେ କ'ଣ ଜାଣିହୁଏ ?

(A) ଯାନର ଓଜନ (B) ଯାନର ଉଚ୍ଚତା (C) ଯାନର ବେଗ (D) ଯାନର ମୂଲ୍ୟ

୧୩. ବାୟୁମଣ୍ଡଳର ଆର୍ଦ୍ରତା ମାପିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?

(A) ବାରୋମିଟର (B) ହାଇଗ୍ରୋମିଟର (C) ସ୍ପିଡ୍ରୋମିଟର (D) ଟ୍ରାପ୍ଟୋମିଟରେ

୧୪. ବାୟୁର ଚାପ ମାପିବା ଯନ୍ତ୍ରର ନାମ କ'ଣ ?

(A) ପାରୋମିଟର (B) ଥ୍ୟାପ୍ଟମିଟର (C) ବାରୋମିଟର (D) ହ୍ୟାପ୍ଟୋମିଟର

୧୫. 'ପ୍ଲାଟୋ' କେଉଁ ଗ୍ରନ୍ଥ ରଚନା କରିଥିଲେ ?

(A) ମହାଭାରତ (B) ରାମାୟଣ (C) ଭାଗବତ (D) ରିପବ୍ଲିକ

୧୬. ପ୍ରଥମ ଅଲିମ୍ପିକ୍ ଖେଳ ଗ୍ରୀସରେ କେବେ ଆରମ୍ଭ ହୋଇଥିଲା ?

(A) ଖ୍ରୀ.ପୂ ୭୭୭ (B) ଖ୍ରୀ.ପୂ ୭୭୬ (C) ଖ୍ରୀଷ୍ଟପୂର୍ବ ୭୦୦ (D) ଖ୍ରୀଷ୍ଟପୂର୍ବ ୭୭୮

୧୭. ନେପାଳରେ କେବେ ପ୍ରଥମ ସାଧାରଣ ନିର୍ବାଚନ ଆରମ୍ଭ ହେଲା ?

(A) ୯.୫.୧୯୮୧ (B) ୯.୫.୨୦୦୦ (C) ୯.୫.୧୯୮୨ (D) ୭.୫.୧୯୦୦

୧୮. ପ୍ରସିଦ୍ଧ 'ବିସର୍ଜନ' ପୁସ୍ତିକାର ରଚୟିତା କିଏ ?

(A) ଡା. ରାଜେନ୍ଦ୍ର ପ୍ରସାଦ (B) ରବୀନ୍ଦ୍ରନାଥ ଟାଗୋର (C) ଅରବିନ୍ଦ (D) ସୁଭାଷ ବୋଷ

୧୯. 'କ୍ରିକେଟ ମାଇ ଷ୍ଟାଇଲ' ପୁସ୍ତକର ରଚୟିତାଙ୍କ ନାମ କ'ଣ ?

(A) କପିଳଦେବ (B) ଗାଭାସ୍କର (C) ତେନ୍ଦୁଲକର (D) ଅମରନାଥ

୨୦. 'Awake of India' ପୁସ୍ତକର ରଚୟିତା କିଏ ?

(A) ଲିଓ ଟଲଷ୍ଟଏ (B) ଗାଲିଲିଓ (C) ଆନିବେଶାନ୍ତ (D) ଚିତ୍ତରଂଜନ ମିଶ୍ର

୨୧. B.S.E. ର ପୂରାନାମ କ'ଣ ?

(A) Batchler Service Entrance (B) Board of Secondary Eduction

(C) Bank Service Entrance (D) Board School Education

୨୨. UNO ର ପୂରାନାମ କ'ଣ ?

(A) United Nations Organisation (B) Urgent National Office

(C) United Number Office (D) Under Name Office

୨୩. WHO ର ପୂରାନାମ କ'ଣ ?

(A) Water Head Office (B) What Head Others

(C) World Health Organisation (D) World House Office

୨୪. ଅର୍ଜୁନ ପୁରସ୍କାର କାହିଁକି ପ୍ରଦାନ କରାଯାଏ ?

(A) ଉତ୍ତମ ସ୍ୱାସ୍ଥ୍ୟ ପାଇଁ (B) ଉତ୍ତମ କ୍ରୀଡ଼ା ପାଇଁ (C) ଉତ୍ତମ ନାଗରିକ ପାଇଁ (D) ଉତ୍ତମ ଦେଶଭକ୍ତି ପାଇଁ



https://ssvmkalamachhuin.in/

୨୫. ଆମେରିକା କେବେ ସ୍ୱାଧୀନତା ପାଇଥିଲା ?

(A) ୫-୪-୨୦୦୦ (B) ୪-୭-୧୯୭୨ (C) ୪-୭-୧୭୭୬ (D) ୬-୪-୨୦୦୧

୨୬. ମହାପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ କେଉଁ ପ୍ରଦେଶରେ ହୋଇଥିଲା ?

(A) ମହାରାଷ୍ଟ୍ର (B) କେରଳ (C) ଗୁଜୁରାଟ (D) ପଶ୍ଚିମବଙ୍ଗ

୨୭. ସତୀ ଅନସୂୟାଙ୍କ ପତିଙ୍କର ନାମ କ'ଣ ଅଟେ ?

(A) ବଶିଷ୍ଠ (B) ଅତ୍ରି (C) ବିଶ୍ୱାମିତ୍ର (D) ବ୍ୟାସଦେବ

୨୮. ଭାରତ ମାତାର ସ୍ୱାଧୀନତା ପାଇଁ କେଉଁ ବୀର ୧୬ ବର୍ଷ ବୟସରେ ଫାଶୀ ପାଇଥିଲେ ?

(A) ଖୁଦୀରାମ ବୋଷ (B) ଛତ୍ରପତି ଶିବାଜୀ (C) ଭଗତ ସିଂହ (D) ଲକ୍ଷ୍ମଣ ନାୟକ

୨୯. ପିତାଙ୍କୁ ଧର୍ମ ସଂକଟରେ ଦେଖି କେଉଁ ବୀର ଜୀବନସାରା ଅବିବାହିତ ରହିବାର ଶପଥକୁ କଠୋରତାର ସହ ପାଳନ କରିଥିଲେ ?

(A) ହରିଶ୍ଚନ୍ଦ୍ର (B) ଶତ୍ରୁଘ୍ନ (C) ଭଗୀରଥ (D) ଭୀଷ୍ମ

୩୦. ମହମ୍ମଦ ଗଜନୀଙ୍କୁ ପରାସ୍ତ କରିଥିବା ବୀରଙ୍କ ନାମ କ'ଣ ?

(A) ରାଜେନ୍ଦ୍ର ଚୋଳ (B) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ (C) ଭୀମଦେବ ସୋଲାଙ୍କି (D) ଜୋରାବର ସିଂହ

୩୧. "ସତ୍ୟାର୍ଥ ପ୍ରକାଶ"ର ରଚୟିତାଙ୍କ ନାମ କ'ଣ ?

(A) ପ୍ରେମଚାନ୍ଦ (B) ସ୍ୱାମୀ ଦୟାନନ୍ଦ (C) ସ୍ୱାମୀ ବିବେକାନନ୍ଦ (D) ଗୁରୁ ରାମଦାସ

୩୨. କେଉଁ ସହର "ଗୋଲାପୀ ନଗରୀ" ନାମରେ ଖ୍ୟାତ ?

(A) ଜୟପୁର (B) ଚଣ୍ଡୀଗଡ଼ (C) ମୁମ୍ବାଇ (D) ଭୋପାଳ

୩୩. ଭାରତର ସାଂସ୍କୃତିକ ଏକତାର ପ୍ରତୀକ ଚାରିମଠର ସ୍ଥାପନା କିଏ କରିଥିଲେ ?

(A) ସ୍ୱାମୀ ବିବେକାନନ୍ଦ (B) ସ୍ୱାମୀ ଦୟାନନ୍ଦ (C) ଆଦି ଶଙ୍କରାଚାର୍ଯ୍ୟ (D) ରାମକୃଷ୍ଣ ପରମହଂସ

୩୪. ରୈବତକ ପର୍ବତର ସର୍ବୋଚ୍ଚ ଶିଖରର ନାମ କ'ଣ ?

(A) ମହେନ୍ଦ୍ରଗିରି (B) ନୀଳଗିରି (C) ସହ୍ୟାଦ୍ରି (D) ଗୋରଖନାଥ

୩୫. "ସ୍ୱତନ୍ତ୍ରତା ଆମର ଜନ୍ମଗତ ଅଧିକାର" କେଉଁ ସ୍ୱାଧୀନତା ସଂଗ୍ରାମୀଙ୍କର ଉକ୍ତି ଥିଲା ?

(A) ଲୋକମାନ୍ୟ ତିଲକ (B) ସୁଭାଷ ବୋଷ (C) ଚନ୍ଦ୍ରଶେଖର ଆଜାଦ (D) ମହାରାଣା ପ୍ରତାପ

୩୬. ବିଦ୍ୟାଭାରତୀ ପୂର୍ବକ୍ଷେତ୍ରର ବର୍ତ୍ତମାନର ଅଧକ୍ଷଙ୍କର ନାମ କ'ଣ ?

(A) ଶ୍ରୀ ବିଶ୍ୱନାଥ ତରାଇ (B) ଶ୍ରୀ ଦିବାକର ଘୋଷ

(C) ଶ୍ରୀମତୀ ପ୍ରଭାତୀ ସାହୁ (D) ଡା. ଲକ୍ଷ୍ମୀକାନ୍ତ ମହାରଣା

୩୭. ବର୍ତ୍ତମାନ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କର ସଂଗଠନ ସମ୍ପାଦକଙ୍କ ନାମ କ'ଣ ?

(A) ଶ୍ରୀ କମଳାକାନ୍ତ ମିଶ୍ର (B) ଶ୍ରୀ ତାରକଦାସ ସରକାର

(C) ଶ୍ରୀ ଉମେଶଚନ୍ଦ୍ର ଦାଶ (D) ଶ୍ରୀ ଖଗେଶ୍ୱର ଦାଶ

୩୮. ବର୍ତ୍ତମାନ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କର ସଭାପତିଙ୍କ ନାମ କ'ଣ ?

(A) ଡ. କିଶୋର ଚନ୍ଦ୍ର ମହାନ୍ତି (B) ଡ. ପ୍ରଦୀପ କୁମାର ସାହୁ

(C) ଶ୍ରୀ ଲିଙ୍ଗରାଜ ଗୌଡ଼ (D) ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ



https://ssvmkalamachhuin.in/

୩୯. ବର୍ତ୍ତମାନ ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀଙ୍କ ନାମ କ'ଣ ?

(A) ଶ୍ରୀ ଅବନୀଶ ଭଟନାଗର (B) ଶ୍ରୀ ଶିବକୁମାର

(C) ଡ. ଜ୍ୱାଲା ପ୍ରସାଦ (D) ଶ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତ

୪୦. ବର୍ତ୍ତମାନ ବିଦ୍ୟାଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଅଧ୍ୟକ୍ଷଙ୍କ ନାମ କ'ଣ ?

(A) ଶ୍ରୀ ବ୍ରହ୍ମଦେବ ଜୀ ଶର୍ମା (B) ଶ୍ରୀ ଡ଼ି ରାମକୃଷ୍ଣ ରାଓ

(C) ଶ୍ରୀ ରାଜେନ୍ଦ୍ର ପ୍ରସାଦ ଖୈତାନ (D) ଡ. ଶଙ୍କର ରାୟ

୪୧. ଚନ୍ଦ୍ରଯାନ ୩ କେଉଁ ସ୍ଥାନରୁ ଉତ୍କ୍ଷେପଣ କରାଗଲା ?

(A) ହ୍ୱିଲର ଦ୍ୱୀପ (B) ଚାନ୍ଦିପୁର (C) ଆଣ୍ଡାମାନ (D) ଶ୍ରୀହରିକୋଟା

୪୨. ବର୍ତ୍ତମାନ ଆମ ଦେଶର ଅର୍ଥମନ୍ତ୍ରୀଙ୍କ ନାମ କ'ଣ ?

(A) ନିତିନ ଗଡ଼କରୀ (B) ନିର୍ମଳା ସୀତାରମଣ (C) ଅମିତ ଶାହା (D) ଡ.ଏସ. ଜୟଶଙ୍କର

୪୩. ୨୦୨୩ରେ ଖେଳିବାକୁ ଥିବା ଏକଦିବସୀୟ କ୍ରିକେଟ ବିଶ୍ୱକପର ଫାଇନାଲ ମ୍ୟାଚ କେଉଁ ଷ୍ଟାଡ଼ିୟମରେ ଖେଳାଯିବ ?

(A) ଇଡ଼େନ ଗାର୍ଡ଼ନ୍ (B) ଅରୁଣ ଜେଟଲି (C) ନରେନ୍ଦ୍ର ମୋଦୀ (D) ବାରବାଟୀ

୪୪. ଓଡ଼ିଶାର କାଶ୍ମୀର କାହାକୁ କୁହାଯାଏ ?

(A) ଦାରିଙ୍ଗବାଡ଼ି (B) ଦେଓମାଳି (C) ବୌଦ୍ଧ (D) ମାଲକାନଗିରି

୪୫. ଭାରତର ସବୁଠାରୁ ଦ୍ରୁତଗାମୀ ରେଳର ନାମ କ'ଣ ?


(A) ରାଜଧାନୀ (B) ଗରିବରଥ (C) ବନ୍ଦେଭାରତ (D) ଦୁରନ୍ତ

୪୬. ସଂଖ୍ୟାଟିକୁ ବାଛ ?

| | | |
|---|---|---|
| 6 | 8 | 50 |
| 5 | 9 | 47 |
| 4 | 10 | ? |

(A) 40 (B) 42 (C) 44 (D) 38

୪୭. ସଂଖ୍ୟାଟିକୁ ବାଛ ।




(A) ୭ (B) ୫ (C) ୯ (D) ୬

୪୮. ଯଦି BOAT : YLZG :: SHIP : ________?

(A) VTSP (B) GIJQ (C) HSRK (D) LSRK

୪୯. 121, 225, 361, ________? ପରବର୍ତ୍ତୀ ସଂଖ୍ୟାଟିକୁ ବାଛ ।

(A) 400 (B) 484 (C) 576 (D) 529

୫୦. ଯଦି PLANE : PILOT :: TRAIN : ________?

(A) Train Pilot (B) Captain (C) Loco Pilot (D) Driver

❖❖❖



https://ssvmkalamachhuin.in/

# SHIKSHA VIKASH SAMITI, ODISHA

## HALF YEARLY EXAMINATION: 2023-2024

Class - VII Sub - English **(W)**

Time - 2 hours Full marks - 90

1. Answer the questions. (any four) $3 \times 4 = 12$

   a) Why did Birsa lose his job?

   b) What was said about Birsa's death?
   What did many people suspect?

   c) What could one see from the richman's building?

   d) When did the richman's happiness get doubled?

   e) How are the two kinds of kangaroos different?

   f) What distance does a kangaroo hop in each leap? When does a kangaroo take long hops?

2. Answer the questions. (any four) $2 \times 4 = 8$

   a) Why does the poet like to run in the raindrops?

   b) Why do you run?

   c) What does a monkey do all day long?

   d) What does a tiger do at night?

   e) What do trees do for sleepy children?

   f) What are trees like? why?

3. Choose the correct alternatives. $1 \times 5 = 5$

   a) The poet is ________.

   (i) happy (ii) unhappy
   (iii) angry (iv) worried

   b) A tiger roams ________.

   (i) the river (ii) the cornfield
   (iii) the forest (iv) the sea beach



https://ssvmkalamachhuin.in/

c) The son wanted to live with ______.

(i) the poor farmers (ii) his father

(iii) his mother (iv) the soldier

d) The British force was defeated in a battle at ______

(i) Katanga (ii) Ranchi

(iii) Jerkel (iv) Khunti

c) Kangaroos eat mainly______.

(i) fish (ii) vegetables

(iii) flesh (iv) fast food

4. Write 'True' or 'False'. 1 × 5 = 5

a) A monkey does not dance. ( )

b) The rich man had a great bull dog. ( )

c) Birsa was handed over at Katanga. ( )

d) The moon, floats at night. ( )

e) James Cook was an Australian. ( )

5. Write an 'essay' on any one of the followings. (in 10 sentences.) 10

a) Your Father

b) Your Pradhan Acharya

c) The Rainy Season.

6. Write a letter to your friend inviting him/her to your birthday party.

Or 6

Write an application to your Pradhan Acharya to grant you leave for remaining periods.



https://ssvmkalamachhuin.in/

7 Match 'A' with 'B'. 1 × 5 = 5

| 'A' | 'B' |
|---|---|
| run up | cows |
| monkey | lamp |
| artificial | field |
| paddy | climb |
| sleepy | the lane |

8. Re-arrange the words to make meaningful sentences.

1 × 5 = 5

a) fifteen / generally / years / live / for / they /.

b) are / the / they / last / light / hold / to/ the /.

c) Birsa / arrest / the / to / police / failed / but /.

d) sadly / son / replied / richman's / the / .

e) wishes / a monkey / the child / a tiger / both / be / and / to

9. Do as directed. 1 × 10 = 10

a) The boy said, "I will do it tomorrow."
(Change into indirect)

b) People have informed the police.
(Change the voice)

c) Use 'water' as verb and make a sentence.

d) Please allow me to use your telephone.
(Rewrite using 'let')

e) The woman jumped into the well and killed _____. (she)
(use the correct form of word in bracket)

f) The boy is different _____ his brother.
(Fill in the blank using 'for / from')



https://ssvmkalamachhuin.in/

g) Where is my belt mother

(Punctuate the sentence)

h) We play in our playground.

(Put 'ing' to the verb)

i) Small houses made of wood, grass and mud.

(write in one-word)

j) Write the opposite word of 'strange'.

10. Fill in the blanks using the corect form of the verbs.

$1 \times 5 = 5$

a) Bread and butter ______ my favourite food. (be)

b) Madhabi is ______ a letter now. (write)

c) My mother has ______ rice. (cook)

d) I ______ to Cuttack every Sunday. (go)

e) Mr. Behere ______ a car yesterday. (buy)

11. Translate into English. (any four) $1 \times 4 = 4$

(କ) ମଦନ କହୁଛି ଯେ ଶିକ୍ଷକ ସେମାନଙ୍କୁ ଶିକ୍ଷା ଦେଉଛନ୍ତି ।

(ଖ) ଆଜି ମୁଁ କଟକ ଯାଉଛି ।

(ଗ) ମିଠେଇଗୁଡ଼ିକ ପିଲାଙ୍କ ମଧ୍ୟରେ ବଣ୍ଟାଗଲା ।

(ଘ) ସେ ଯାଉ ଯାଉ ପଡ଼ିଗଲା ।

(ଙ) କିପରି ହାଣ୍ଡି ଗଢ଼ାଯାଏ, କୁମ୍ଭାର ଜାଣେ ।

(ଚ) ତୁମେ କେବେ ଓଟପକ୍ଷୀ ଦେଖିଛ ?

12. Write the following sentence in lines and without lines. 5

Tigers live in Forest.

13. Project work. 10

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ସପ୍ତମ　　　　　　　　　　　　　　　　　　　　　　　　ବିଷୟ : ଚିତ୍ରାଙ୍କନ

ସମୟ : ୧ ଘଣ୍ଟା　　　　　　　　　　　　　　　　　　　　　　　　ପୂର୍ଣ୍ଣସଂଖ୍ୟା : ୫୦

୧. ପାଣିରେ ପହଁରୁ ଥିବା ୨ଟି ହଂସର ଚିତ୍ର ଅଙ୍କନ କର ।

କିମ୍ବା　　　　　　　　　　　　　　　　　　　　　　　　　　　　　　୨୦

ଏକ ମୟୂରର ଚିତ୍ର ଅଙ୍କନ କର ।

୨. ଝୁଡ଼ି ମଧ୍ୟରେ ଫଳ ଥିବା ଚିତ୍ର ଅଙ୍କନ କରି ରଙ୍ଗ ଦିଅ ।

କିମ୍ବା　　　　　　　　　　　　　　　　　　　　　　　　　　　　　　୨୫

ହରିଣର ଚିତ୍ର ଅଙ୍କନ କରି ରଙ୍ଗ ଦିଅ ।

୩. ପ୍ରକଳ୍ପ କାର୍ଯ୍ୟ　　　　　　　　　　　　　　　　　　　　　　　　　୫

❖❖❖

https://ssvmkalamachhuin.in/